## ସଂକ୍ଷେପରେ

### ନାବାଳିକାଙ୍କୁ ବଳାତ୍କାର ମାମଲା, ଅଭିଯୁକ୍ତ ଗିରଫ

ଆସିକା,୨୫।୭ (ଡି.ଏନ୍.ଏ.)- ଆସିକା ଥାନା ଇଲାକାରେ ଜଣେ ନାବାଳିକାଙ୍କୁ ଅପହରଣ ପରେ ବଳାତ୍କାର ଅଭିଯୋଗରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ବିକ୍ରମ ବେହେରା। ଗତ ମଙ୍ଗଳବାର ରାତିରେ ନାବାଳିକା ଜଣକ ଘରେ ଶୋଇଥିଲା ବେଳେ ଅଭିଯୁକ୍ତ ତାଙ୍କୁ ପ୍ରଲୋଭନ ଦେଖାଇ ଅପହରଣ କରି ନେବା ସହ ବଳାତ୍କାର କରିଥିବା ନାବାଳିକାଙ୍କ ପରିବାର ପକ୍ଷରୁ ଆସିକା ଥାନାରେ ଅଭିଯୋଗ ହୋଇଥିଲା। ନଂ.୩୭୭/୨୦ରେ ଏକ ମାମଲା ରୁଜୁ କରି ପୋଲିସ ଶୁକ୍ରବାର ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଉଭୟଙ୍କୁ ଡାକ୍ତରୀ ପରୀକ୍ଷା କରାଇଥିଲା। ପରେ ଗିରଫ ଅଭିଯୁକ୍ତଙ୍କୁ ବ୍ରହ୍ମପୁର ସ୍ଥିତ ପୋକ୍ସୋ ଅଦାଲତରେ ହାଜର କରାଯାଇଥିବା ଆସିକା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି। ନାବାଳିକାଙ୍କ ବୟସ ୧୫ ବର୍ଷ ହୋଇଥିବା ବେଳେ ଅଭିଯୁକ୍ତଙ୍କ ବୟସ ୩୨ ବର୍ଷ ଓ ସେ ବିବାହିତ ଏବଂ ତାଙ୍କର ଏକ ପୁତ୍ର ସନ୍ତାନ ଅଛି।

### ଶୁଦ୍ଧିକ୍ରିୟା ଭୋଜି ବନ୍ଦ କଲା ପ୍ରଶାସନ

ଆସିକା,୨୫।୭ (ଡି.ଏନ୍.ଏ.)- ଆସିକା ଥାନା କରାତଳି ଗ୍ରାମରେ କୋଭିଡ୍ ନିୟମ ଉଲ୍ଲଂଘନ କରି ଶନିବାର ଏକ ଶୁଦ୍ଧିକ୍ରିୟା ଭୋଜି ଚାଲିଥିଲା। ପ୍ରଶାସନ ପକ୍ଷରୁ ଚଢାଉ କରାଯାଇ ଭୋଜି ବନ୍ଦ ସହ ୨ଶହ ଲୋକଙ୍କ ପାଇଁ ରୋଷେଇ ଖାଦ୍ୟକୁ ଜବତ ହୋଇଥିଲା। ସମ୍ପୃକ୍ତ ଗ୍ରାମରେ ପ୍ରଶାସନ ପକ୍ଷରୁ ଡାକବାଜି ଯନ୍ତ୍ର ଯୋଗେ ଏହି ଭୋଜିରେ ଯୋଗ ନଦେବା ଲାଗି ତାଗିଦ୍ କରାଯାଇଥିଲା। ଘଟଣା ସମ୍ପର୍କରେ ତହସିଲଦାର୍ ତଥା କୋଭିଡ୍ କମାଣ୍ଡର୍ ସଦାନନ୍ଦ ସେଠୀଙ୍କ ପକ୍ଷରୁ ଭୋଜି ଆୟୋଜନକାରୀ ସତ୍ୟନାରାୟଣ ଜେନାଙ୍କ ବିରୋଧରେ ଆସିକା ଥାନାରେ ମାମଲା ରୁଜୁ କରାଯାଇଥିବା ତହସିଲଦାର୍ ସେଠୀ ସୂଚନା ଦେଇଛନ୍ତି।

### ସାହିତ୍ୟ ଏକାଡେମୀ ସଦସ୍ୟ ହେଲେ ଗିରିଜା ପ୍ରସାଦ ମିଶ୍ର

ବାଲିଗୁଡା,୨୫।୭(ଡି.ଏନ୍.ଏ.)- ଓଡ଼ିଶା ସାହିତ୍ୟ ଏକାଡେମୀର ସାଧାରଣ ପରିଷଦ ପୁର୍ନଗଠନ ହୋଇଛି। କନ୍ଧମାଳ ଜିଲାର ଯୁବ ସାହିତ୍ୟିକ ଗିରିଜା ପ୍ରସାଦ ମିଶ୍ର ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି। ନୂତନ ସାଧାରଣ ପରିଷଦର କାର୍ଯ୍ୟକାଳ ୨୪ ଜୁଲାଇ ୨୦୨୦ରୁ ୨୩ ଜୁଲାଇ ୨୦୨୩ ପର୍ଯ୍ୟନ୍ତ ରହିଛି। ସାହିତ୍ୟିକ ମିଶ୍ର କନ୍ଧମାଳ ଜିଲା ବାଲିଗୁଡା ଅଞ୍ଚଳରେ ୧୯୭୯ ମସିହା ଜନ୍ମ ଗ୍ରହଣ କରିଥିଲେ। ସେ ଏକାଧାରରେ ଜଣେ କବି, ପ୍ରାବନ୍ଧିକ ଓ ଚିତ୍ରଶିଳ୍ପୀ ଭାବରେ ଅନେକ କୃତିତ୍ୱ ଅର୍ଜନ କରିଛନ୍ତି। ସେ ୨୦୧୧ରୁ ବିଭିନ୍ନ କ୍ଷେତ୍ରରେ ରାଜ୍ୟ ପୁରସ୍କାର ସହ ରାଜ୍ୟ ଲଳିତକଳା ଏକାଡେମୀ, କଳିଙ୍ଗ ଲିଟେରାରି ପୁରସ୍କାର, କନ୍ଧମାଳ ଜିଲା ଲେଖକ ସାମ୍ମୁଖ୍ୟ ଓ ଅନ୍ୟାନ୍ୟ ଅନୁଷ୍ଠାନରୁ ସମ୍ବର୍ଦ୍ଧିତ ହୋଇଛନ୍ତି। ସାହିତ୍ୟ ଏକାଡେମୀ ଦ୍ୱାରା ତାଙ୍କର କବିତା ପୁସ୍ତକ 'ପ୍ରଥମ ପର୍ବ' ପ୍ରକାଶିତ ହୋଇଛି। ସଦସ୍ୟ ଭାବେ ମନୋନୀତ ହେବା ପରେ ରାଜ୍ୟର ବିଭିନ୍ନ ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି।

### ୧୧ ଜୁଆଡି ଗିରଫ

ପୋଲସରା,୨୫।୭(ଡି.ଏନ.ଏ.)- ପୋଲସରା ପୋଲିସ ଶନିବାର ରୁମାଗଡ଼ ଗ୍ରାମରେ ଚାଲିଥିବା ଏକ ଜୁଆ ଆଡ୍ଡା ଉପରେ ଚଢ଼ାଉ କରି ୧୧ଜଣଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ୫୫,୧୨୦ ଟଙ୍କା ଜବତ କରାଯାଇଥିବା ପୋଲସରା ଥାନା ଅଧିକାରୀ ଜିତେନ୍ଦ୍ର କୁମାର ମଲ୍ଲିକ ସୂଚନା ଦେଇଛନ୍ତି। ଏ ନେଇ ନଂ.୨୨୦/୨୦ ରେ ମାମଲା ରୁଜୁ କରି ଗିରଫ କରିବା ପରେ ଜାମିନରେ ଛଡ଼ାଯାଇଥିବା କଥା ପୋଲିସ ସୂଚନା ଦେଇଛି।

# କ୍ଷତି ସହୁଛନ୍ତି ପରିବା ଚାଷୀ

ପ୍ରଦୀପ କୁମାର ବେହେରା
ରାଇକିଆ,୨୫।୭(ଡି.ଏନ୍.ଏ.)


ରାଇକିଆରେ ହୋଇଥିବା କୋବି।

କନ୍ଧମାଳ ଜିଲାରେ ଏବେ ପରିବା ଚାଷ ସମୟ। ରାଇକିଆ, ଜି.ଉଦୟଗିରି, ଫିରିଙ୍ଗିଆ ଓ ଦାରିଙ୍ଗବାଡ଼ି ଆଦି ବ୍ଲକରେ ହଜାର ହଜାର ଚାଷୀ ବହୁ ପରିମାଣରେ ଫୁଲ କୋବି, ବିନ୍ସ, ଟମାଟୋ ଓ ବାଇଗଣ ଚାଷ କରିଥାନ୍ତି। ଉତ୍ପାଦିତ ପରିବା ରାଜ୍ୟ ତଥା ବାହାରକୁ ପଠାଯାଇଥାଏ। ଚଳିତବର୍ଷ କରୋନା ଯୋଗୁ ଗମନା ଗମନ ଓ ପରିବହନ ସମସ୍ୟା ସୃଷ୍ଟି ହୋଇଛି। ବାହାର ଜିଲା ଲୋକ ବା ବ୍ୟବସାୟୀ ଏଠାକୁ ପରିବା ନେବା ଲାଗି ଆସିପାରୁ ନ ଥିବାରୁ ଚାଷୀମାନେ ବ୍ୟାପକ କ୍ଷତି ସହିବା ସହ ହତାଶ ହୋଇ ପଡିଛନ୍ତି। ଧାର କରଜ କରି ଶ୍ରମ, ସମୟ ଦେଇ କରିଥିବା ଫସଲର ଉଚିତ୍ ମୂଲ୍ୟ ନ ପାଇବାରୁ ମୁଣ୍ଡରେ ହାତ ଦେଲେଣି। କିପରି ମହାଜନ ଓ ବ୍ୟାଙ୍କରୁ ଆଣିଥିବା ଋଣ ଶୁଝିବେ।

ଗଞ୍ଜାମ, ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏଭଳି କନ୍ଧମାଳରେ ମଧ୍ୟ ବାରମ୍ବାର ଶଟ୍‌ଡାଉନ ଓ ଲକ୍‌ଡାଉନ୍ ଯୋଗୁ ପରିବା ଠିକ୍ ସମୟରେ ବଜାରରେ ପହଞ୍ଚି ପାରୁନାହିଁ। କଟକଣା ଓ ଯାନବାହନ ଚଳାଚଳ ବନ୍ଦ ଯୋଗୁ ଅଭାବୀ ବିକ୍ରିର ଶିକାର ହେଉଛି ଚାଷୀ। ଯେଉଁ ସମୟରେ କିଲୋ ପ୍ରତି ୪୦ରୁ ୫୦ ଟଙ୍କାରେ ବିନ୍ସ, ଫୁଲକୋବି ବିକ୍ରି ହେବା କଥା। କିନ୍ତୁ ବର୍ତ୍ତମାନ ମାତ୍ର ୧୦ ରୁ ୧୫ ଟଙ୍କାରେ ବିକ୍ରି ହେଉଛି। ଅନ୍ୟ ପକ୍ଷରେ କନ୍ଧମାଳ ଜିଲାର ବିଭିନ୍ନ ଅଞ୍ଚଳକୁ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା ଏବଂ ସପ୍ତାହାନ୍ତ ଶଟ୍‌ଡାଉନ୍ ମଧ୍ୟ ସମସ୍ୟା ସୃଷ୍ଟି କରିଛି। କେତେକ ଚାଷୀଙ୍କ ଜମିରେ ନଷ୍ଟ ହେଉଛି ପରିବା। ଚାଷରେ ଖଟେଇ ଥିବା ମୂଳ ଟଙ୍କା ମଧ୍ୟ ଫେରି ପାଇବା କଷ୍ଟକର ହୋଇପଡିଛି। ବାହାର ଜିଲାକୁ ଫୁଲକୋବି, ବିନ୍ସ୍ ପଠାଉଥିବା ଲେନ୍ଦ୍ରିକିଆ ଅଞ୍ଚଳର ଚାଷୀ ସୁକାନ୍ତ ବେହେରା କୁହନ୍ତି, ବାହାରକୁ ପଠାଇବାକୁ ହେଲେ ଦୁଇ ଦିନ ଆଗରୁ ପ୍ରସ୍ତୁତ କରିବାକୁ ପଡ଼ିଥାଏ। ବଗିଚାରୁ ସଂଗ୍ରହ କରିବା, ପ୍ୟାକିଂ ପରେ ଗାଡ଼ିରେ ଲୋଡିଂ ପାଇଁ ସଜବାଜ ହେବା ବେଳକୁ ହଠାତ୍ ଲକ୍‌ଡାଉନ, ଶଟ୍‌ଡାଉନ୍ ଘୋଷଣା ହୋଇଗଲେ ସବୁ ପରିବା ନଷ୍ଟ ହେଉଛି। ବଜାରକୁ ଖୋଲାରେ ବିକ୍ରି କରିବା ପାଇଁ ଆସୁଥିବା ଚାଷୀ ମଧ୍ୟ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଅନ୍ୟପକ୍ଷରେ ଚାଷ ପାଇଁ ବ୍ୟବହୃତ ହେଉଥିବା ସାମଗ୍ରୀ ମଧ୍ୟ ଠିକ୍ ସମୟରେ ପାଇବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗମାଣ୍ଡି ଅଞ୍ଚଳର ଚାଷୀ ସନ୍ତୋଷ ଦିଗାଲ କୁହନ୍ତି, ସେ ପୂର୍ବରୁ ରାଇକିଆ ବଜାରକୁ ଯାଇ ପ୍ରତିଦିନ ପରିବା ବିକ୍ରି କରୁଥିଲେ। ରାଇକିଆ ସହର କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା ହେବା ପରେ ଘରେ ଅତି କମ୍ ଦରରେ ପରିବା ବିକ୍ରି କରୁଛନ୍ତି। ଫଳରେ ସେ ବହୁ କ୍ଷତି ସହୁଛନ୍ତି। ଏଭଳି ସ୍ଥଳେ ପରିବା ଚାଷୀ ପରିବାର ଚଳାଇବା କଷ୍ଟକର ହୋଇପଡିଲାଣି। ବ୍ଲକର ଚାଷୀ ଯେପରି ବାହାରକୁ ପନିପରିବା ପଠେଇ ଉଚିତ୍ ମୂଲ୍ୟ ପାଇ ପାରିବେ ସେ ନେଇ ଜିଲା ପ୍ରଶାସନ ପକ୍ଷରୁ ପଦକ୍ଷେପ ଆରମ୍ଭ ହେଲେ ଚାଷୀମାନ ଉଚିତ୍ ମୂଲ୍ୟ ପାଇବା ସହ ଅଭାବୀ ବିକ୍ରିର ସମ୍ମୁଖୀନ ହୁଅନ୍ତେ ନାହିଁ ବୋଲି ମତ ପ୍ରକାଶ ପାଇଛି।

**ରାଇକିଆ ବ୍ଲକ: କରୋନା ସମସ୍ୟା**

# ବୁଗୁଡ଼ାରେ ପଜିଟିଭ, ଭୁବନେଶ୍ୱରରେ ନେଗେଟିଭ

ବୁଗୁଡ଼ା,୨୫।୭(ଡି.ଏନ.ଏ.)

ଗଞ୍ଜାମ ଜିଲାରେ ଜଣେ ବ୍ୟକ୍ତି ଗତ ୧୬ ତାରିଖରେ ବୁଗୁଡାରେ ସ୍ୱାବ୍ ଦେଇଥିବାବେଳେ ଶନିବାର ତାଙ୍କ ରିପୋର୍ଟ ପଜିଟିଭ ଆସିଛି। ମାତ୍ର ୧୭ ତାରିଖରେ ଭୁବନେଶ୍ୱରର ଏକ ଘରୋଇ ହସ୍‌ପିଟାଲରେ ସ୍ୱାବ୍ ଦେଇଥିବାବେଳେ ଉକ୍ତ ଦିନ ରିପୋର୍ଟ ନେଗେଟିଭ ଆସିଥିଲା। ଏହି ଘଟଣା ଏବେ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

ବୁଗୁଡ଼ା ମୁଖ୍ୟ ସଡ଼କ ବ୍ଲକ ଛକ ନିକଟରେ ରହୁଥିବା ବ୍ରହ୍ମଚାରୀ ବିଷୋୟୀ ପିପୁଲ୍ସ କଲେଜରେ ହୋଇଥିବା ସ୍ୱାବ୍ ସଂଗ୍ରହ କେନ୍ଦ୍ରରେ ଗତ ୧୬ ତାରିଖରେ ସ୍ୱାବ୍ ଦେଇଥିଲେ। ୧୭ ତାରିଖରେ ତାଙ୍କୁ ଜ୍ୱର ହେବାରୁ ସେ ଭୁବନେଶ୍ୱରର ଏକ ଘରୋଇ ହସ୍‌ପିଟାଲକୁ ଯାଇଥିଲେ। ସେଠାରେ ତାଙ୍କର ସ୍ୱାବ୍ ସଂଗ୍ରହ କରି ପରୀକ୍ଷା ପାଇଁ ପଠାଯାଇଥିଲା। ରାତିରେ ରିପୋର୍ଟ ନେଗେଟିଭ ଆସିବା ପରେ ପରଦିନ ବୁଗୁଡା ଫେରି ଆସିଥିଲେ। ମାତ୍ର ବୁଗୁଡାରେ ଦେଇଥିବା ସ୍ୱାବ୍ ରିପୋର୍ଟ ଶନିବାର ପଜିଟିଭ ଆସିବା ପରେ ସେ ଚିନ୍ତାରେ ପଡିଯାଇଛନ୍ତି। ପ୍ରକାଶ ଯେ, ବୁଗୁଡ଼ାରେ ଶନିବାର ୪୪ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ମୋଟ ପଜିଟିଭ ସଂଖ୍ୟା ୩୫୫ରେ ପହଞ୍ଚିଥିବାବେଳେ ୧୮୬ ଜଣ ସୁସ୍ଥ ହୋଇ ଫେରିଛନ୍ତି, ୪ ଜଣଙ୍କ ମୃତ୍ୟୁ ହୋଇଛି।

# ପୋଲିସର କାର୍ଯ୍ୟଦକ୍ଷତାକୁ ପ୍ରଶଂସା କଲେ ମୁଖ୍ୟମନ୍ତ୍ରୀ

ଆସିକା,୨୫।୭ (ଡି.ଏନ୍.ଏ.)



ମୁଖ୍ୟମନ୍ତ୍ରୀଙ୍କ ଟୁଇଟ୍।

କରୋନା ନିୟନ୍ତ୍ରଣ ଦିଗରେ ଆସିକା ପୋଲିସର ଉତ୍ସର୍ଗୀକୃତ ଓ କର୍ତ୍ତବ୍ୟନିଷ୍ଠତା ସାଙ୍ଗକୁ ଲକ୍‌ଡାଉନ୍ ପରିସ୍ଥିତିରେ ସୂଚାରୁ ରୂପେ କାର୍ଯ୍ୟ ସମ୍ପାଦନ ଲାଗି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଶଂସା କରିଛନ୍ତି। ଶନିବାର ମୁଖ୍ୟମନ୍ତ୍ରୀ ଟୁଇଟ୍ ଯୋଗେ ପ୍ରଶଂସା କରିଛନ୍ତି।

ସୂଚନା ଯୋଗ୍ୟ, ଆସିକା ଥାନାର ସମୁଦାୟ ୫୨ଜଣ ପୋଲିସ କର୍ମଚାରୀଙ୍କ ମଧ୍ୟରୁ ୪୨ଜଣ କରୋନା ସଂକ୍ରମିତ ହୋଇଥିବାବେଳେ ଜଣଙ୍କ ମୃତ୍ୟୁ ଘଟିଛି। ଏହାସତ୍ତ୍ୱେ ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁଙ୍କ ନେତୃତ୍ୱରେ ପୋଲିସ ଦୈନନ୍ଦିନ କାର୍ଯ୍ୟ ସହ କରୋନା ନିୟନ୍ତ୍ରଣ ଲାଗି ପାଟ୍ରୋଲିଂ ଓ ଜନସାଧାରଣଙ୍କୁ ଉପଯୁକ୍ତ ସେବା ଯୋଗାଇ ଆସୁଛି।

# କରୋନା ନେଲା କୋଭିଡ୍ ଯୋଦ୍ଧାଙ୍କ ଜୀବନ


ଏସ୍‌ପିଙ୍କ ଉପସ୍ଥିତିରେ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଉଛି। ମୃତ ସିଏସ୍‌ଆଇ ରବୀନ୍ଦ୍ର ପ୍ରଧାନ (ଫାଇଲ୍ ଫଟୋ- ଇନ୍‌ସଟ୍)।

କୋଦଳା/ବେଗୁନିଆପଡା,୨୫।୭(ଡି.ଏନ୍.ଏ.)

- ସିଏସ୍‌ଆଇଙ୍କ ମୃତ୍ୟୁ ପରେ ରିପୋର୍ଟ ପଜିଟିଭ
- ମୃତଦେହ ଅସମ୍ମାନ ଘଟଣାକୁ ଖଣ୍ଡନ କଲେ ଏସ୍‌ଡିପିଓ

ଗଞ୍ଜାମ ଜିଲାରେ ପୁଣି ଜଣେ କୋଭିଡ୍ ଯୋଦ୍ଧାଙ୍କ ଜୀବନ ନେଇଛି କରୋନା। ମୃତକ ହେଲେ ଭଞ୍ଜନଗର କୋର୍ଟରେ ସିଏସ୍‌ଆଇ ରବୀନ୍ଦ୍ର ନାଥ ବେହେରା (୫୫)।

ରବୀନ୍ଦ୍ରଙ୍କୁ ଜ୍ୱର କାଶ ହେଉଥିବାରୁ ଶୁକ୍ରବାର ସକାଳେ ବେଗୁନିଆପଡାସ୍ଥିତ ଘରକୁ ଆସିଥିଲେ। ବିଳମ୍ବିତ ରାତିରେ ଗୁରୁତର ହୋଇପଡିବାରୁ ପରିବାର ଲୋକେ ତାଙ୍କୁ କୋଦଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ରବୀନ୍ଦ୍ରଙ୍କୁ ମୃତ ଘୋଷଣା କରିଥିଲେ। କରୋନା ଲକ୍ଷଣ ଥିବାରୁ ମୃତଦେହକୁ ମେଡିକାଲ ପରିସରରେ ଅନ୍ୟତ୍ର ରଖାଯାଇଥିଲା। ଖବର ପାଇ ସକାଳେ କୋଦଳା ତହସିଲଦାର ପ୍ରଭାତ କୁମାର ପରିଡା, ବିଡିଓ ବେଦବର ପ୍ରଧାନ, ଏସ୍‌ଡିପିଓ ସୀମା ସ୍ୱାଇଁ ପହଞ୍ଚିଥିଲେ। ମୃତ ରବୀନ୍ଦ୍ରଙ୍କ ସ୍ୱାବ୍ ସଂଗ୍ରହ କରି ପରୀକ୍ଷା ପାଇଁ ପଠାଯାଇଥିଲା। ରିପୋର୍ଟ ପଜିଟିଭ ଆସିବା ପରେ ଏସ୍‌ଡିପିଓ ସ୍ୱାଇଁ ଗଞ୍ଜାମ ଏସ୍‌ପି ବ୍ରିଜେଶ କୁମାର ରଏଙ୍କୁ ଅବଗତ କରାଇଥିଲେ। ଏସ୍‌ପି ରଏ, ଅତିରିକ୍ତ ଏସ୍‌ପି ଠାକୁର ପ୍ରସାଦ ପାତ୍ର ପ୍ରମୁଖ ଅପରାହ୍ନ ପ୍ରାୟ ସାଢେ ୧ଟାରେ କୋଦଳା ମେଡିକାଲ ପରିସରରେ ପହଞ୍ଚିବା ପରେ ତାଙ୍କୁ ଗାର୍ଡ ଅଫ୍ ଅନର ଦିଆଯାଇଥିଲା।

ରାତିସାରା ମେଡିକାଲ ପରିସରରେ ବାହାରେ ମୃତଦେହ ପଡି ରହିଥିବାରୁ କୋଭିଡ୍ ଯୋଦ୍ଧାଙ୍କୁ ଅସମ୍ମାନ ନେଇ ଭିଡିଓ ଭାଇରାଲ ହୋଇଥିଲା। କରୋନା ପାଇଁ ମୃତଦେହକୁ କେହି ଛୁଉଁ ନ ଥିବା ଅଭିଯୋଗ କୁହାଯାଇଥିଲା। ଏସ୍‌ଡିପିଓ ସ୍ୱାଇଁ ସନ୍ଧ୍ୟାରେ କୋଦଳା ଥାନାରେ ଏକ ଖବରଦାତା ସମ୍ମିଳନୀ କରି ଏହାକୁ ଖଣ୍ଡନ କରିଛନ୍ତି। ସ୍ୱାବ୍ ସଂଗ୍ରହ ପାଇଁ ଓ ଲୋକଙ୍କ ଚଳପ୍ରଚଳ ହେଉଥିବାରୁ ମୃତଦେହକୁ ଅନ୍ୟତ୍ର ରଖାଯାଇଥିବା ସେ କହିଛନ୍ତି।

### ସାନଖେମୁଣ୍ଡିରେ ୯ ଦୋକାନ ସିଲ୍: ୧୨ ହଜାର ଜରିମାନା ଆଦାୟ

ପାଟପୁର,୨୫।୭

ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକରେ କରୋନା ପଜିଟିଭଙ୍କ ସଂଖ୍ୟା ବଢୁଥିବା ଦୃଷ୍ଟିରୁ ସାନଖେମୁଣ୍ଡି ତହସିଲ ପକ୍ଷରୁ ପ୍ରତିଦିନ ଅଞ୍ଚଳରେ ଯାଞ୍ଚ କରାଯାଉଛି। ସାନଖେମୁଣ୍ଡିରେ ଗୋଷ୍ଠୀ ସଂକ୍ରମଣ ଯେପରି ନ ହେବ ସେଥିପ୍ରତି ତହସିଲ ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯାଉଛି। ସାନଖେମୁଣ୍ଡି ବ୍ଲକରେ ରେଡ୍‌ଜୋନ ଓ ବଫର ଜୋନ ଥିବା ପଳାସପୁର, ଡେଙ୍ଗାଓସ୍ତା, ପୋଡ଼ମାରି ଗ୍ରାମର ୯ ଟା ଦୋକାନ, ଫାଷ୍ଟଫୁଡ୍ ଦୋକାନ ଓ ତେଜରାତି ଦୋକାନ ଖୋଲାଯାଇଥିଲା। ସେଠାରେ ପ୍ରବଳ ଗହଳି ହୋଇଥିବା ଯୋଗୁ ମାଲିକଙ୍କଠାରୁ ୧୨ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଏହା ସହ ୭ ଦିନ ପାଇଁ ଦୋକାନ ସିଲ୍ କରାଯାଇଛି।

### କରୋନାରେ ବ୍ଲକ ମୁଖ୍ୟ କିରାଣିଙ୍କ ମୃତ୍ୟୁ

ଜଗନ୍ନାଥପ୍ରସାଦ,୨୫।୭(ଡି.ଏନ୍.ଏ.)

ଜଗନ୍ନାଥପ୍ରସାଦ ବ୍ଲକର ମୁଖ୍ୟ କିରାଣି ଅରୁଣ କୁମାର ବେହେରାଙ୍କର ଶୁକ୍ରବାର ରାତିରେ କୋଭିଡ୍ ହସ୍ପିଟାଲରେ ମୃତ୍ୟୁ ଘଟିଛି। ଜ୍ୱରରେ ଆକ୍ରାନ୍ତ ଥିବାରୁ ସେ ସ୍ୱାବ୍ ପରୀକ୍ଷା କରାଇଥିଲେ। ଗତ ୧୬ ତାରିଖରେ ରିପୋର୍ଟ ପଜିଟିଭ ଆସିବାରୁ କୋଭିଡ୍ ହସପିଟାଲ୍‌ରେ ଭର୍ତ୍ତି କରାଯାଇଥିଲା। ବିଡ଼ିଓ ସୁରେଶ ଚନ୍ଦ୍ର ପଣ୍ଡା ଏନେଇ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ତାଙ୍କ ମୃତ୍ୟୁରେ ଗଞ୍ଜାମ ଜିଲା ଓଡ଼ିଶା ଅମଲା ସଂଘ ତରଫରୁ ରାଜ୍ୟ ସାଧାରଣ ସମ୍ପାଦକ ପ୍ରଶ୍ନ କୁମାର ତ୍ରିପାଠୀ, ବ୍ଲକ ଅଧକ୍ଷା ଗୀତାଞ୍ଜଳି ବେହେରା, ଉପାଧକ୍ଷା ହିମାଂଶୁ ଶେଖର ବାରିକ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

# ଭଞ୍ଜନଗର ୪୩ ନୂଆ ଆକ୍ରାନ୍ତ ଚିହ୍ନଟ

ଭଞ୍ଜନଗର,୨୫।୭(ଡି.ଏନ୍.ଏ.)

ଭଞ୍ଜନଗର ବ୍ଲକ ଓ ଏନଏସିରେ ଶୁକ୍ରବାର ୪୩ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେଥିମଧ୍ୟରେ ୩ କରୋନା ଯୋଦ୍ଧା ରହିଛନ୍ତି। ସହରରେ ଶୁକ୍ରବାର ସୁଦ୍ଧା ପ୍ରାୟ ୧୬୦ଜଣ ଆକ୍ରାନ୍ତ ହୋଇଥିବାବେଳେ ଅଧାରୁ ଅଧିକ ସରକାରୀ କର୍ମଚାରୀ। ସ୍ୱାବ୍ ରିପୋର୍ଟ ଆସିବାରେ ବିଳମ୍ବ ଯୋଗୁ ଆକ୍ରାନ୍ତ ବ୍ୟକ୍ତି ବହୁ ଲୋକଙ୍କ ସହ ମିଳାମିଶା କରୁଛନ୍ତି। ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧିର ଏହା ପ୍ରମୁଖ କାରଣ ବୋଲି ଆଲୋଚନା ହେଉଛି। ସ୍ୱାବ୍ ସଂଗ୍ରହର ୨୪ ଘଣ୍ଟା ଭିତରେ ରିପୋର୍ଟ ଦେବାକୁ ଦାବି ହେଉଛି।

# ସ୍ଥାନୀୟ ସଂକ୍ରମଣ ବଢ଼ାଇଲାଣି ଚିନ୍ତା

ଫୁଲବାଣୀ ଅଫିସ, ୨୫।୭

**ନୂଆ ୩୯ଙ୍କୁ ମିଶାଇ ଆକ୍ରାନ୍ତଙ୍କ ସଂଖ୍ୟା ୩୫୩**

କନ୍ଧମାଳ ଜିଲାରେ ବଢ଼ି ଚାଲିଛି କରୋନା ଆକ୍ରାନ୍ତଙ୍କ ସଂଖ୍ୟା। ଏବେ ଫୁଲବାଣୀ ସହରରେ ସ୍ଥାନୀୟ ସଂକ୍ରମଣ ବଢ଼ି ଚାଲିଛି। କଣ୍ଟେନମେଣ୍ଟ ଜୋନ୍ ହେବାଠାରୁ ପ୍ରତିଦିନ ନୂଆ ଆକ୍ରାନ୍ତ ଚିହ୍ନଟ ହେଉଛନ୍ତି। ଶନିବାର ଜିଲାରେ ପୁଣି ନୂଆ ୩୯ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଫୁଲବାଣୀରେ ୧୩ ଜଣ ଥିବା ବେଳେ ବାଲିଗୁଡାର ଜଣେ, ତୁମୁଡିବନ୍ଧ ୭, ଜି.ଉଦୟଗିରି ୪, ଚକାପାଦ ୯, କୋଟଗଡ ୨, କ.ନୂଆଗାଁ ୨, ଦାରିଙ୍ଗବାଡିରେ ଜଣେ ରହିଛନ୍ତି। ଆକ୍ରାନ୍ତଙ୍କ ମଧ୍ୟରେ ୧୩ ମହିଳା ଏବଂ ୨୬ ପୁରୁଷ। ବୟସ ୭ରୁ ୭୭ ମଧ୍ୟରେ ରହିଛି। ବର୍ତ୍ତମାନ ସୁଦ୍ଧା ଜିଲାରେ ମୋଟ ୩୫୩ ଜଣ ସଂକ୍ରମିତ ଚିହ୍ନଟ ହେଲେଣି। ସେମାନଙ୍କ ମଧ୍ୟରୁ ୨୧୩ ଜଣ ସୁସ୍ଥ ହୋଇ ଘରକୁ ଫେରି ଥିବା ବେଳେ ବାକି ଫୁଲବାଣୀ କୋଭିଡ୍ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। କୌଣସି ଜରୁରୀ କାର୍ଯ୍ୟ ନ ଥିଲେ କେହି ଘରୁ ବାହାରକୁ ନ ବାହାରିବାକୁ ଜିଲା ପ୍ରଶାସନ ପକ୍ଷରୁ ବାରମ୍ବାର ଲୋକଙ୍କୁ ସଚେତନ କରାଯାଉଛି। ଫୁଲବାଣୀ, ବାଲିଗୁଡା ପୌରାଞ୍ଚଳ ସମେତ ଜି.ଉଦୟଗିରି, ରାଇକିଆ, ଟିକାବାଲି, ଚକାପାଦ, କ.ନୁଆଗାଁ ଆଦି ବ୍ଲକର ଅନେକ ଅଞ୍ଚଳକୁ କଣ୍ଟେନ୍‌ମେଣ୍ଟ କରାଯାଇଛି। ସ୍ଥାନୀୟ ସଂକ୍ରମଣ ବଢୁଥିବାରୁ କଣ୍ଟେନ୍‌ମେଣ୍ଟ କେବେ ହଟିବ ତାହା ଅନିଶ୍ଚିତତା ମଧ୍ୟରେ ରହିଛି।

# ପୁରୁଷୋତ୍ତମପୁର ଏନ୍‌ଏସିରେ ୧୩ ପଜିଟିଭ

ପୁରୁଷୋତ୍ତମପୁର,୨୫।୭(ଡି.ଏନ୍.ଏ.)

ପୁରୁଷୋତ୍ତମପୁର ଏନ୍‌ଏସିରେ ଶନିବାର ୧୩ ପଜିଟିଭ ଚିହ୍ନଟ ହୋଇଛନ୍ତି। ଚାଙ୍ଗୁଡିଆପଦର ସାହିରୁ ସର୍ବାଧିକ ୭ ଜଣ ଚିହ୍ନଟ ହୋଇଥିବା ବେଳେ କନକା ସାହିରୁ ୪ ଜଣ, ନନ୍ଦିକ ସାହି ଓ କାଳୀ ମନ୍ଦିର ଛକରୁ ଜଣେ ଲେଖାଏଁ ଚିହ୍ନଟ ହୋଇଛନ୍ତି। ଏମାନଙ୍କୁ ମିଶାଇ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୫୦ରେ ପହଞ୍ଚିଛି। ସଂକ୍ରମିତଙ୍କ ମଧ୍ୟରେ ଜଣେ ପ୍ରଧାନ ଶିକ୍ଷକ ଓ ତାଙ୍କ ସ୍ତ୍ରୀ, ଝିଅ ଏବଂ ଜଣେ ଓକିଲ ରହିଛନ୍ତି। ପ୍ରଧାନ ଶିକ୍ଷକ କ୍ୱାରାଣ୍ଟାଇନ ସେଣ୍ଟର ଦାୟିତ୍ୱରେ ଥିଲେ। ନିର୍ବାହୀ ଅଧିକାରୀ ସୌମ୍ୟ ରଞ୍ଜନ ମିଶ୍ରଙ୍କ ତତ୍ତ୍ୱାବଧାନରେ ଡାକ୍ତର ରବୀନ୍ଦ୍ର ନାଥ ଗନ୍ତାୟତଙ୍କ ସହ ସ୍ୱାସ୍ଥ୍ୟ ଟିମ ଘର ଘର ବୁଲି ଥର୍ମାଲ ସ୍କ୍ରିନିଂ କରୁଛନ୍ତି।

# ଆର୍.ଉଦୟଗିରିରେ ୨ ଦିନରେ ୧୬ ପଜିଟିଭ

ଆର.ଉଦୟଗିରି,୨୫।୭(ଡି.ଏନ.ଏ.)

ଗଜପତିଜିଲାର ଆର.ଉଦୟଗିରିଗ୍ରାମରେ ଗୁରୁବାର ଓ ଶୁକ୍ରବାର ଦୁଇ ଦିନରେ ଆଉ ୧୬ ପଜିଟିଭ ଚିହ୍ନଟ ହୋଇଛନ୍ତି। ଗୁରୁବାର ସଂକ୍ରମିତଙ୍କ ମଧ୍ୟରେ ଜଣେ ପୋଲିସ, ରୁମୁଣ୍ଡା କଲୋନିର ୩ ଜଣ, ଜଣେ ଶିବ ମନ୍ଦିର ପୂଜାରୀ, ଜଣେ ଫରେଷ୍ଟ ଗାର୍ଡ, ଜଣେ ମେଡିକାଲ କର୍ମଚାରୀ ରହିଛନ୍ତି। ଆର.ଉଦୟଗିରି ଗ୍ରାମ ବସ୍‌ଷ୍ଟାଣ୍ଡ ଠାରେ ଆଣ୍ଟିଜେନ୍ କିଟ୍‌ରେ ୧୯ ଜଣଙ୍କ ପରୀକ୍ଷା କରାଯାଇଥିବାବେଳେ ୮ ଜଣ ପଜିଟିଭ ଚିହ୍ନଟ ହୋଇଥିବା ବିଡିଓ ପ୍ରଦୀପ କୁମାର ନାୟକ କହିଛନ୍ତି। ସଂକ୍ରମଣ ରୋକିବାକୁ ଶୁକ୍ରବାର ପାତ୍ରସାହି, ରୁମୁଣ୍ଡା କଲୋନି, ପଞ୍ଚାୟତ ଅଫିସ ଓ ଶିବ ମନ୍ଦିରକୁ ୭ଦିନ ପାଇଁ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା କରାଯାଇଛି।

# ଟାଟା କୋଭିଡ୍ ହସ୍ପିଟାଲରେ ଅବ୍ୟବସ୍ଥା

**ଭିଡିଓ ଭାଇରାଲ, ସମାଧାନ ହୋଇଛି: ଜିଲାପାଳ**

ଛତ୍ରପୁର,୨୫।୭(ଡି.ଏନ.ଏ.)


ସାନିଟାଇଜ୍ କରାଯାଉଛି ।

ଗଞ୍ଜାମ ଜିଲା ଶୀତଳାପଲ୍ଲୀ ସ୍ଥିତ ଟାଟା କୋଭିଡ୍ ହସ୍ପିଟାଲରେ ଅବ୍ୟବସ୍ଥା ନେଇ ପୁଣି ଭିଡିଓ ଭାଇରାଲ ହୋଇଛି। ଏଥିସହ ବିଭିନ୍ନ ସମସ୍ୟା ସମ୍ପର୍କରେ ସେଠାରେ ଥିବା ରୋଗୀ ଓ ସେମାନଙ୍କ ସମ୍ପର୍କୀୟମାନେ ଜିଲାପାଳଙ୍କୁ ଟୁଇଟ୍ କରିବାରେ ଲାଗିଛନ୍ତି। ଆଇସିୟୁ ରୋଗୀଙ୍କ ପାଇଁ ପାଣି ଓ ଅକ୍ସିଜେନ୍ ଅଭାବଠାରୁ ଆରମ୍ଭ କରି ଠିକ୍ ସମୟରେ ଖାଦ୍ୟ ଦିଆଯାଉ ନ ଥିବା, ଡାକ୍ତର ନିୟମିତ ଆସୁ ନ ଥିବା ଅଭିଯୋଗ ହେବାରେ ଲାଗିଛି। ଅପରପକ୍ଷରେ ଶୁକ୍ରବାର ଟାଟା କୋଭିଡ୍ ହସ୍ପିଟାଲରେ କେତେକ ବୈଷୟିକ ସମସ୍ୟା ଥିଲା ତାହା ସମାଧାନ ହୋଇଯାଇଛି। ତେବେ ରୋଗୀମାନଙ୍କ ଉପରେ କୌଣସି ପ୍ରଭାବ ପଡିନି। ସମସ୍ତେ ଏଥିରେ ସହଯୋଗ କରିଥିବାରୁ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଟୁଇଟ୍ କରି ଶନିବାର ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ପୂର୍ବରୁ ବାରମ୍ବାର ଶୀତଳାପଲ୍ଲୀ କୋଭିଡ୍ ହସ୍ପିଟାଲ ଓ ପାରଳା ମହାରାଜା କୋଭିଡ୍ କେୟାର ସେଣ୍ଟରରେ ବିଭିନ୍ନ ସମସ୍ୟା ନେଇ ଭିଡିଓ ଭାଇରାଲ ହୋଇଥିବା ନଜିର ରହିଛି। ଏହାପରେ ପ୍ରଶାସନ ପକ୍ଷରୁ ସମସ୍ୟା ସମାଧାନ ନେଇ ବିଭିନ୍ନ ପଦକ୍ଷେପ ମଧ୍ୟ ନିଆଯାଇଛି। ଶନିବାର ଶୀତଳାପଲ୍ଲୀସ୍ଥିତ ପାରଳା ମହାରାଜା କୋଭିଡ୍ କେୟାର ସେଣ୍ଟରକୁ ସାନିଟାଇଜ୍ କରାଯାଇଥିବା ଜିଲାପାଳ ସୂଚନା ଦେଇଛନ୍ତି।

# ଜୋର ଧରିଲା ସିବିଆଇ ତଦନ୍ତ ଦାବି

ବ୍ରହ୍ମପୁର ଅଫିସ,୨୫।୭



ପବ୍ଲିକ ରାଇଟ୍ସ ଆସୋସିଏଶନର କର୍ମକର୍ତ୍ତାମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

**ସାମାଜିକ କର୍ମୀ ଆଦିତ୍ୟଙ୍କ ମୃତ୍ୟୁ ଘଟଣା**

ସମାଜିକକର୍ମୀ ଆଦିତ୍ୟ ଦାସଙ୍କ ମୃତ୍ୟୁର ସିବିଆଇ ତଦନ୍ତ ନେଇ ଦାବି କରିଛି ପବ୍ଲିକ ରାଇଟ୍ସ ଆସୋସିଏଶନ। ଆଦିତ୍ୟଙ୍କ ମୃତ୍ୟୁକୁ ଏକ ମାସ ପୂରିବାକୁ ବସିଛି। ଏଯାଏ ଏହାର ରହସ୍ୟ ଜଣାପଡିନାହିଁ। ଫଳରେ ଏଭଳି ଜଣେ ସାମାଜିକ କର୍ମୀଙ୍କ ମୃତ୍ୟୁ ଏକ ରହସ୍ୟ ହୋଇ ରହିଯିବାକୁ ବସିଥିବା ଆସୋସିଏଶନ କହିଛି। ପୋଲିସ ଓ ପ୍ରଶାସନର ବୈମାତୃକ ମନୋଭାବକୁ ବିରୋଧ କରିବା ସହ ଘଟଣାର ସିବିଆଇ ତଦନ୍ତ କରିବାକୁ ପବ୍ଲିକ ରାଇଟ୍ସ ଆସୋସିଏଶନ ବ୍ରହ୍ମପୁର ଶାଖା ପକ୍ଷରୁ ଦାବି କରାଯାଇଛି। ଏନେଇ ଶନିବାର ବ୍ରହ୍ମପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉପ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଦାବିପତ୍ର ପ୍ରଦାନ ଅବସରରେ ବ୍ରହ୍ମପୁର ପବ୍ଲିକ ରାଇଟ୍ସ ଆସୋସିଏଶନ ସଭାପତି ସତ୍ୟ ଚେତନ ପରିଡାଙ୍କ ସମେତ ଉପ ସଭାପତି ଚନ୍ଦ୍ରଶେଖର ପ୍ରଧାନ,ରାହୁଲ ପାତ୍ର, ବାବୁଲା ମହାପାତ୍ର, ବଳରାମ ମହାରଣା ଓ ପ୍ରୀତି ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

